# NATIONAL NEWS BULLETIN (ODIA)

**13 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ତାମିଲନାଡୁ ବିଧାନସଭାରେ ଆସ୍ଥା ଭୋଟ୍‌ରେ ବିଜୟୀ ହେଲେ ଟିଭିକେ ସରକାର

–ପୁଡୁଚେରୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଏନ୍. ରଙ୍ଗାସ୍ୱାମୀ

- ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଯାନବାହାନ ସଂଖ୍ୟା ହ୍ରାସ

- ସୁନା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଧାତୁ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କଲେ ସରକାର

- ନିଟ୍ ୟୁଜି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାର ତଦନ୍ତ ଲାଗି ଜୟପୁରରେ ପହଞ୍ଚିଲେ ସିବିଆଇର ସ୍ୱତନ୍ତ୍ର ଦଳ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ରାୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ କୁ ଭେଟିବ  କୋଲକାତା ନାଇଟ୍ ରାଇଡର୍ସ

---

## ଟିଏନ୍-ଫ୍ଲୋରଟେଷ୍ଟ

ତାମିଲନାଡୁରେ ଟିଭିକେ ନେତୃତ୍ୱରେ ପରିଚାଳିତ ସି.ଯୋଶେଫ୍ ବିଜୟଙ୍କ ସରକାର ଆଜି ବିଧାନସଭାରେ ଆସ୍ଥା ଭାଟ୍‌ରେ ବିଜୟୀ ହୋଇଛନ୍ତି ।

ତାଙ୍କ ସପକ୍ଷରେ ୧୪୪ ଜଣ ବିଧାୟକ ଭୋଟ୍ ଦେଇଥିଲେ । ଏହାଫଳରେ ଗୃହରେ ବିଜୟଙ୍କ ନେତୃତ୍ୱରେ ପରିଚାଳିତ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିଛି। ବିଜୟଙ୍କ ବିରୋଧରେ ୨୨ ଜଣ ବିଧାୟକ ଭୋଟ୍ ଦେଇଛନ୍ତି। ମୁଖ୍ୟ ବିରୋଧୀ ଦଳ ଡିଏମକେ ସଦସ୍ୟମାନେ ଭୋଟ୍ ସମୟରେ କକ୍ଷତ୍ୟାଗ କରିଥିଲେ । ଗତ ବିଧାନସଭା ନିର୍ବାଚନରେ ବିଜୟଙ୍କ ଦଳ ଟିଭିକେ ୧୦୮ଟି ଆସନ ପାଇଥିଲା । ଫଳରେ ରାଜ୍ୟପାଳ ବିଶ୍ୱନାଥ ଅର୍ଲେକର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବା ପାଇଁ ତାଙ୍କୁ କହିଥିଲେ ।

## ପୁଡୁଚେରୀ-ଓଥ୍

ପୁଡୁଚେରୀର ମୁଖ୍ୟମନ୍ତ୍ରୀ ଭାବେ ନିଖିଳ ଭାରତ ଏନ୍ଆର୍ କଂଗ୍ରେସ ନେତା ଏନ୍. ରଙ୍ଗାସ୍ୱାମୀ ଆଜି ଶପଥ ଗ୍ରହଣ କରିଛନ୍ତି । ସେ ପଞ୍ଚମ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି । ପୁଡୁଚେରୀର ଲୋକ ନିବାସଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଉପରାଜ୍ୟପାଳ କେ.କୈଳାସନାଥନ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ନିଖିଳ ଭାରତ ଏନ୍ଆର କଂଗ୍ରେସର ମାଲାଡିକ୍ରିଷ୍ଣା ରାଓ ଏବଂ ବିଜେପିର ଏ.ନମଶିବାୟମ୍ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଶପଥ ଗ୍ରହଣ ସମାରୋହରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ, ବିଜେପି ସାଧାରଣ ସମ୍ପାଦକ ବି.ଏଲ୍. ସନ୍ତୋଷ, ରାଜ୍ୟ ବିଜେପି ସଭାପତି ଭି.ପି. ରାମଲିଙ୍ଗମ୍ ଏବଂ ଅନ୍ୟାନ୍ୟ ଦଳୀୟ ନେତାମାନେ ଯୋଗ ଦେଇଥିଲେ ।

# ପିଏମ୍-କନ୍‌ଭେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଗସ୍ତ ସମୟରେ ସ୍ୱତନ୍ତ୍ର ସୁରକ୍ଷା ଗୋଷ୍ଠୀ-ଏସ୍‌ପିଜି ପ୍ରୋଟୋକଲ୍ ଅଧୀନରେ ସମସ୍ତ ଅତ୍ୟାବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥାରେ ବ୍ୟବହୃତ ଯାନବାହାନ ସଂଖ୍ୟା ହ୍ରାସ କରିଛନ୍ତି । ଗୁଜରାଟ ଏବଂ ଆସାମକୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଗସ୍ତ ଅବସରରେ ସୁରକ୍ଷା ଯାନବାହାନ ସଂଖ୍ୟାକୁ ମଧ୍ୟ ହ୍ରାସ କରାଯାଇଥିବା ସୂଚନା ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତି ଯୋଗୁଁ ପେଟ୍ରୋଲିୟମ୍ ଜାତ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ପରିବେଶ ଅନୁକୂଳ ବିକଳ୍ପ ଆପଣାଇବା ଉଦ୍ଦେଶ୍ୟରେ ୭ ସୂତ୍ରୀ ବ୍ୟବସ୍ଥା କାର୍ଯ୍ୟକାରୀ ଲାଗି ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକ୍ରମରେ ଇଲେକ୍‌ଟ୍ରିକ୍ ପରିଚାଳିତ ଯାନବାହାନ ବ୍ୟବହାର କରିବା ଲାଗି ପ୍ରଧାନମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଧ ସୁରକ୍ଷା ବ୍ରବସ୍ଥାରେ ଯାନବାହାନ ସଂଖ୍ୟା ୫୦ ପ୍ରତିଶତରୁ କମ୍ ହ୍ରାସ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱରେ ତୈଳଦର ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ମିତବ୍ୟୟିତା ଅବଲମ୍ବନ କରିବାକୁ ଦେଇଥିବା ଆହ୍ୱାନ ପରିପ୍ରେକ୍ଷୀରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରୀ, ବିଧାୟକ  ଏବଂ ଜନପ୍ରତିନିଧିମାନଙ୍କୁ ସରକାରୀ ଯାନବାହାନ

ବ୍ୟବହାର ହ୍ରାସ କରିବା ଲାଗି ଘୋଷଣା କରିଛନ୍ତି । ସେମାନଙ୍କୁ ସାଧାରଣ ପରିବହନ ବ୍ୟବସ୍ଥା ବ୍ୟବହାର କରିବା ଲାଗି ପରାମର୍ଶ ଦେଇଛନ୍ତି ।

## ଇଣ୍ଡୋନେସିଆ ଏଫ୍‌ଏମ୍ ବ୍ରିକ୍ସ

ଇଣ୍ଡୋନେସିଆ ବୈଦେଶିକ ମନ୍ତ୍ରୀ ସୁଗିଓନୋ ଆଜି ସକାଳେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଦୁଇଦିନିଆ ବ୍ରିକ୍ସ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବା ଲାଗି ସେ ଭାରତ ଗସ୍ତରେ ଆସିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲିଠାରୁ ବ୍ରିକ୍ସ ବୈଠକ ଅନୁଷ୍ଠିତ ହେବ । ବୈଠକରେ ବ୍ରିକ୍ସ ବୈଦେଶିକ ମନ୍ତ୍ରୀଗଣ ଏବଂ ସଦସ୍ୟ ତଥା ଭାଗିଦାରୀ ରାଷ୍ଟ୍ରର ପ୍ରତିନିଧିମାନେ ଅଂଶ ଗ୍ରହଣ କରିବେ । ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବୈଠକରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ବୈଦେଶିକମନ୍ତ୍ରୀମାନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ ଏବଂ ଆଞ୍ଚଳିକ ପ୍ରସଙ୍ଗ ଆଲୋଚନା ହେବ ।

## ଏସ୍.ସି. - କୋର୍ଟ ମଡର୍ଣ୍ଣାଇଜେସନ୍

ଦେଶବ୍ୟାପୀ ଅଦାଲତଗୁଡ଼ିକର ଆଧୁନିକୀକରଣ ନିମନ୍ତେ ଏକ ବ୍ଲୁ-ପ୍ରିଣ୍ଟ୍ ପ୍ରସ୍ତୁତ କରିବା ଲାଗି ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ଲାଗି ଘୋଷଣା କରିଛନ୍ତି । ସର୍ବୋଚ୍ଚ ଅଦାଲତର ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର ବିଚାର ବିଭାଗୀୟ ଭିତ୍ତିଭୂମି ପରାମର୍ଶଦାତା କମିଟିର ଅଧ୍ୟକ୍ଷ ରହିଛନ୍ତି । ଏହି କମିଟିରେ ଅନ୍ୟମାନଙ୍କ ମଧ୍ୟରେ କଲିକତା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଦେବାଂଶୁ ବସାକ୍, ପଞ୍ଜାମ-ହରିୟାଣା ହାଇକୋର୍ଟର ବିଚାପତି ଜଷ୍ଟିସ୍ ଅଶ୍ୱନୀ କୁମାର ମିଶ୍ରା ଏବଂ

ବମ୍ବେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସୋମାଶେଖର ସୁନ୍ଦରେସାନ୍ ସଦସ୍ୟ ଅଛନ୍ତି । ଏତଦ୍‌ବ୍ୟତୀତ ସୁପ୍ରିମ୍‌କୋର୍ଟର ସେକ୍ରେଟାରୀ ଜେନେରାଲ୍ ଏବଂ କେନ୍ଦ୍ରୀୟ ପୂର୍ତ୍ତ ବିଭାଗର ମହାନିର୍ଦ୍ଦେଶକ ମଧ୍ୟ ଏହି କମିଟିରେ ସଦସ୍ୟ ଭାବେ କାର୍ଯ୍ୟ କରିବେ । ଏହି କମିଟି ଦେଶବ୍ୟାପୀ ବିଭିନ୍ନ ଅଦାଲତରେ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଆବଶ୍ୟକ ହେଉଥିବା ସରକାରୀ ଆର୍ଥିକ ସହାୟତା ଆକଳନ କରିବେ ।  ଚଳିତ ବର୍ଷ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଏ ସମ୍ପର୍କିତ ରିପୋର୍ଟ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦର ସଦସ୍ୟ ସଞ୍ଜୀବ ସାନ୍ୟାଲଙ୍କୁ କମିଟି ପ୍ରଦାନ କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି ।

## ଗଭ୍-ଇମ୍ପୋର୍ଟ୍ ଡ୍ୟୁଟି ଗୋଲ୍ଡ

କେନ୍ଦ୍ର ସରକାର ସୁନା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଧାତୁ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିଛନ୍ତି । ଏହା ଆଜିଠାରୁ କାର୍ଯ୍ୟକାରୀ ହୋଇଛି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ସୁନା ଏବଂ ରୁପା ଉପରେ ୫ ପ୍ରତିଶତ ଏବଂ ପ୍ଲାଟିନମ୍ ଉପରେ ୫ ଦଶମିକ ୪ ପ୍ରତିଶତ ଆମଦାନୀ ଶୁଳ୍କ ବୃଦ୍ଧି କରାଯାଇଛି । ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ସଂକଟଜନକ ପରିସ୍ଥିତି ଯୋଗୁଁ ବର୍ଷକେ ପାଇଁ ସୁନା ନ କିଣିବା ପାଇଁ ନାଗରିକମାନଙ୍କୁ ନିବେଦନ କରିଥିଲେ ।

## ବ୍ରିକ୍ସ-ଚିଲି

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଚିଲିର ବୈଦେଶିକ ବ୍ୟାପାରମନ୍ତ୍ରୀ ଫ୍ରାନ୍‌ସିସ୍‌କୋ ପିରେସ୍ ମାକେନାଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ଉଭୟ ପକ୍ଷ ମଧ୍ୟରେ ମୌଳିକ ସାମଗ୍ରୀଗୁଡ଼ିକ ରପ୍ତାନୀ ବୃଦ୍ଧି

କରିବା ଏବଂ ଅର୍ଥନୈତିକ କାରବାରକୁ ସହଜ ସୁଗମ କରିବା ସଂପର୍କରେ ଆଲୋଚନା କରାଯାଇଛି । ଦୁଇ ନେତା ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ନେଇ ମତ ବିନିମୟ କରିଥିଲେ । ଉଭୟପକ୍ଷ ବହୁମୁଖୀ ଧାରାରେ କାର୍ଯ୍ୟ କରିବା ଲାଗି ସହମତ ପ୍ରକାଶ କରିଥିଲେ । ସେ ଆସନ୍ତାକାଲିଠାରୁ ହେବାକୁ ଥିବା ବ୍ରିକ୍ସ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବା ଲାଗି  ଭାରତ ଗସ୍ତରେ ଆସିଛନ୍ତି ।

## ସି.ବି.ଆଇ. - ନିଟ୍ କେସ୍

ନିଟ୍ ସ୍ନାତକ-୨୦୨୬ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ଘଟଣାର ତଦନ୍ତ ଭାର ହାତକୁ ନେଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସି.ବି.ଆଇ.ର ଏକ ଦଳ ଆଜି ଜୟପୁରଠାରେ ପହଞ୍ଚିଛି । ସେଠାରେ ରାଜସ୍ଥାନ ପୋଲିସ୍ର ଏସ୍‌ଓଜି ଦ୍ୱାରା ପ୍ରାୟ ୨୪ ଜଣଙ୍କୁ ଏ ସଂକ୍ରାନ୍ତରେ ପଚରାଉଚରା କରାଯାଇଛି । ତଦନ୍ତର ଅଂଶ ସ୍ୱରୂପ ଏସ୍‌ଓଜି ପକ୍ଷରୁ ଶିକାର୍ ଠାରେ ବହୁ ଲୋକଙ୍କୁ ପଚରାଉଚରା ଜାରି ରହିଛି ।

ସିବିଆଇ ପକ୍ଷରୁ ପ୍ରଶ୍ନପତ୍ର ପ୍ରଘଟ ନେଇ ଏକ ମାମଲା ରୁଜୁ କରାଯାଇଛି ।  ସି.ବି.ଆଇ. କହିଛି. ପରୀକ୍ଷାରେ ହୋଇଥିବା ଅନିୟମିତତା ଏବଂ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ସମେତ ଏହି ଘଟଣାରେ କୌଣସି ଅପରାଧିକ ଷଡ଼ଯନ୍ତ୍ର, ଠକେଇ, ପ୍ରମାଣ ନଷ୍ଟ କରିବା ତଥା ସାର୍ବଜନୀନ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ନିବାରଣ ଆଇନ-୨୦୨୪ ଅନୁସାରେ ତଦନ୍ତ କରାଯିବ ।  ଚଳିତ ମାସ ୩ ତାରିଖରେ ଏନ୍.ଟି.ଏ. ପକ୍ଷରୁ ନୀଟ୍ ସ୍ନାତକ-୨୦୨୬ ପରୀକ୍ଷା ଦେଶବ୍ୟାପୀ ଅନୁଷ୍ଠିତ ହୋଇଥିଲା ।

# ନ୍ୟାଶନାଲ୍ କୁଇଜ୍

କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରଣାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ "ମାଇଁ ଭାରତ" ପ୍ଲାଟଫର୍ମରେ ବିକଶିତ ଭାଇବ୍ରାଣ୍ଟ୍ ଭିଲେଜ ପ୍ରୋଗ୍ରାମ୍-୨୦୨୬ ନିମନ୍ତେ ଜାତୀୟ ସ୍ତରୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆସନ୍ତାମାସରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକର ଯୁବବର୍ଗ ଅଂଶ ଗ୍ରହଣ କରିବେ । ଅନ୍‌ଲାଇନ୍ ମାଧ୍ୟମରେ ଚଳିତମାସ ୨୦ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଏହି କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ଲାଟଫର୍ମ ଜରିଆରେ ୫ଶହ ମାଇଁ ଭାରତ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ଚୟନ କରାଯିବ ।

# ଆଇଏମ୍‌ଡି-ମନ୍‌ସୁନ୍

ଚଳିତ ସପ୍ତାହରେ ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ପହଞ୍ଚିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଆଗମନ ପାଇଁ ପରିବେଶ ଅନୁକୂଳ ରହିଛି ବୋଲି କୁହାଯାଇଛି । ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ  ଚଳିତ ସପ୍ତାହ ଶେଷଆଡ଼କୁ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଅଗ୍ରସର ହେବ ବୋଲି ଜଣାପଡ଼ିଛି । ଗତକାଲି ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ନିକଟବର୍ତ୍ତୀ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ମୌସୁମୀ ସାଧାରଣତଃ ପ୍ରତିବର୍ଷ ଜୁନ୍ ପହିଲାରେ କେରଳ ଛୁଇଁଥାଏ ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜିର ମ୍ୟାଚ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯିବ । ଏହି ମ୍ୟାଚ୍ ରାୟପୁରଠାରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ' ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୮୨ ରନ୍‌ରେ ପରାସ୍ତ କରିଛି । ଅମହମ୍ମଦାବାଦରେ ଗତକାଲି ଅନୁଷ୍ଠିତ ଏହି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଗୁଜରାଟ ଟାଇଟନ୍‌ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୬୮ ରନ୍ କରିଥିଲା । ଦଳ ପକ୍ଷରୁ ସାଇ ସୁଦର୍ଶନ ୬୧ ଏବଂ ୱାଶିଂଟନ ସୁନ୍ଦର ୫୦ ରନ୍ କରିଥିଲେ । ସନ୍‌ରାଇଜର୍ସ ପକ୍ଷରୁ ପ୍ରଫୁଲ୍ଲ ହିଙ୍ଗେ ଓ ସାକିବ୍ ହୁସେନ୍ ୨ଟି ଲେଖାଏଁ ୱିକେଟ ନେଇଥିବାବେଳେ ଅଧିନାୟକ ପ୍ୟାଟ କ୍ୟୁମିନ୍‌ସ ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ । ୧୬୯ ରନ୍ ବିଜୟ ଲକ୍ଷ୍ୟର ପିଛା କରି ସନ୍‌ରାଇଜର୍ସ ହାଇଦ୍ରାବାଦ ୧୪ ଓଭର ୫ଟି ବଲ୍‌ରେ ମାତ୍ର ୮୬ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା ।